# Akashvani, Sambalpur

## SAMBALPURI NEWS BULLETIN

### 18 July 2025- 6.47- 6.52 am.

***********************************************

ପଂଚାୟତ୍ ପ୍ରତିନିଧି-ସାହାଜ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

କାର୍ଯ୍ୟକାଳ ସମିଆଥି ପଂଚାୟତ୍ ପ୍ରତିନିଧି ମାନ୍‌କର୍ ଜୀବନ୍ ଗଲେ କି କେନ୍‌ସି ରକ୍‌ମେ ଅକ୍ଷମ୍ ହେଲେ ଅନୁକମ୍ପା ସାହାଜ୍ ଯୁଗେଇ ଦେବାର୍‌କେ ରାଜ୍ୟ ସର୍‌କାର୍ ଘୋଷ୍‌ନା କରିଛନ୍ । ଘୋଷ୍‌ନା ଅନ୍‌ସାରେ ପଂଚାୟତ୍ ପ୍ରତିନିଧିଙ୍କର୍ ଜୀବନ୍ ଗଲେ ତାଙ୍କର୍ ପରିବାର୍ ଲୁକ୍‌କୁ ୨ ଲାଖ୍ ଟଙ୍କା, ଆଏଁଖି, ହାତ୍ କି ଗୋଡ୍ ଅକ୍ଷମ୍ ହେଲେ ୨ ଲାଖ୍ ଟଙ୍କା ଯୁଗେଇ ଦିଆଯିବା । ଇତାର୍ ସାହାଜ୍ ପଂଚାୟତିରାଜ୍ ବ୍ୟବସ୍ଥାଥି କାମ୍ କରୁଥିବା ୱାର୍ଡ୍‌ମେମ୍ବର୍ ଠାନୁ ମୁଲ୍ କରିକରି ଜିଲ୍ଲା ପରିଷଦ୍ ସଭାପତି ତକ୍ ପାଇପାର୍‌ବେ ବଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପୃଥ୍ୱୀ- ୨, ଅଗ୍ନି-୧ ଆର୍‌ଏନ୍‌ୟୁ/ ସମ୍ବଲପୁର

ବାଲେଶ୍ୱର୍ ଜିଲ୍ଲା ଚାନ୍ଦିପୁର୍ ଠାନେ ଗଲାକାଏଲ୍ କମ୍ ଦୂରିଆ ଲକ୍ଷ୍ୟ ଭେଦ କରିପାରୁଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପୃଥ୍ୱୀ- ୨ ଆଉ ଅଗ୍ନି-୧ ର ବ୍ୟବହାରିକ ପରୀକ୍ଷଣ୍ ସଫଲତାର୍ ସହେତେ କରାଯାଇଛେ । ସବୁ ମାନଦଣ୍ଡଥି ଦୁହି କ୍ଷେପଣାସ୍ତ୍ର ସଫଲ୍ ହେଇଥିଲା ବଲି ପ୍ରତିରକ୍ଷା ମନ୍ତ୍ରଣାଲୟ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମହାନଦୀ ଜଳବିବାଦ୍ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା- ଛତିଶ୍ଗଡ୍ ଭିତ୍ରେ ମହାନଦୀ ଜଲ୍ ବିବାଦ୍ର ସମାଧାନ୍ ଲାଗି ଦୁହି ରାଜ୍ୟର୍ ମୁଖ୍ୟମନ୍ତ୍ରୀ ମାନ୍କର୍ ଭିତ୍ରେ ଆଲୋଚନା ହେଇଛେ ଆଉ ଆଗ୍କେ ସଚିବସ୍ତର୍ଥି ଆଲୋଚନା ହେବା ବଲି ଆଡ୍ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ କହିଛନ୍ । ମହାନଦୀ ଜଲ୍ ବିବାଦ୍ ଟ୍ରିବୁନାଲ୍ ଠାନେ ହେଇଥିବା ଶୁଣାଣି ବେଲ୍କେ ରାଜ୍ୟ ସର୍କାର୍ଙ୍କର୍ ଆଡ୍ଭୋକେଟ୍ ଜେନେରାଲ୍ ଶ୍ରୀ ଆଚାର୍ଯ୍ୟ ଇଟା କହିଛନ୍ । ସେହ କହିଛନ୍, ସଚିବ ସ୍ତର୍ଥି ବିବାଦ୍ର ସମାଧାନ୍ କର୍ବାର୍କେ ଦୁହି ରାଜ୍ୟ ଚେରେଷ୍ଟା ଚଲେଇଛନ୍ । ଆଲୋଚନା ଉତ୍ରୁ ଅଗ୍ରଗତି ବାବ୍ଦେ ଟ୍ରିବ୍ୟନାଲ୍କେ ଜନେଇ ଦିଆଯିବା ବଲି ଶ୍ରୀ ଆଚାର୍ଯ୍ୟ କହିଛନ୍ । ମାମ୍ଲାର୍ ଆଏବା ଶୁଣାଣି ଅଗଷ୍ଟ ୨ ତାରିଖ୍ କର୍ବାର୍କେ ଟ୍ରିବ୍ୟୁନାଲ୍ ଧାରିଜ୍ କରିଛନ୍ ।

କେନ୍ଦ୍ର ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ-ଭୁବ୍‌ନେଶ୍ୱର୍ ଗସ୍ତ/ଆର୍‌ଏନ୍‌ୟୁ ସମ୍ବଲପୁର

ଖଣିଜ ସମ୍ପଦ୍‌ଥି ଭରପୁର୍ ଓଡ଼ିଶା ଦେଶର୍ ବିକାଶ୍ ଗାଥାଥି ପ୍ରମୁଖ ଅଂଶୀଦାର୍ ହେବା ବଲି କେନ୍ଦ୍ର ବିଜ୍ଞାନ୍ ଆଉ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ । ଭୁବ୍‌ନେଶ୍ୱର୍ ଖଣିଜ ଆଉ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ ଆଇଏମ୍‌ଏମ୍‌ଟି ଠାନେ ଗଲାକାଏଲ୍ ବିକଶିତ୍ ଭାରତ୍ ଲାଗି ଖଣି ଆଉ ଖଣିଜ କ୍ଷେତ୍ରର୍ ଗବେଷଣା ଆଉ ଜ୍ଞାନ୍ କୌଶଲ୍ କନ୍‌କ୍ଲେଭ୍‌କେ ଉଦ୍‌ଘାଟନ୍ କରିକରି ଶ୍ରୀ ସିଂ ଇଟା କହିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଅତ୍ୟାଧୁନିକ୍ ହାଇଡ୍ରୋଜେନ୍ ଡାଇରେକ୍ଟ ଡିଡକ୍ସନ୍ ଆଇରନ୍ ପାଇଲଟ୍ ପ୍ଲାନ୍‌କେ ଉଦ୍‌ଘାଟନ୍ କର୍‌ବାର୍ ସହେତେ କ୍ରିଟିକାଲ୍ ମିନେରାଲ୍ ପାଇଲଟ୍ ପ୍ରକଳ୍ପର୍ ଶୁଭାରମ୍ଭ ଆଉ ଡିବିଟି ଆଇଏଲ୍‌ଏସ୍ ସହଯୋଗ୍‌ଥି ଜଏଂଟ୍ ମେରାଇନ୍ ବାୟୋମେନୁଫେକ୍‌ଚରିଂ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ ।

ମିଶନ୍ ଲାଇଫ୍ ପାଠ୍ୟକ୍ରମ୍      ପି.ଆଇ.ବି.

ନୂଆଁ ଜାତୀୟ ଶିକ୍ଷାନୀତିଥି ବିଦ୍ୟାଲୟ ପାଠ୍ୟକ୍ରମ୍ ନ ମିଶନ୍ ଲାଇଫ୍‌କେ ସାମିଲ୍ କର୍‌ବାର୍‌କେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଯୋଜ୍‌ନା କରାଯାଇଛେ । ଇଥି ଛାତ୍ରଛାତ୍ରୀ ପରିବେଶ୍ ସୁରକ୍ଷା ସଙ୍ଗେ ଜଲ୍‌ବାୟୁ

ପରିବର୍ତ୍ତନ୍‌ର ପାଠ୍ ଭିଲ୍ ପଢ଼୍‌ବେ । ଇ ବାବ୍‌ଦେ ଗଲାକାଏଲ୍ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ କେନ୍ଦ୍ର ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ୍‌ଙ୍କର୍ ଭିତ୍‌ରେ ଆଲୋଚନା ହେଇଯାଇଛେ ।

ଏନ୍‌ସିସି ମହିଳା ବାଟାଲିୟନ I&PR

ରାଏଜେ ଆଉ ୫ ଟା ନୂଆଁ ଏନ୍‌ସିସି ମହିଳା ବାଟାଲିୟନ୍ ଖୁଲ୍‌ବାର୍‌କେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ପ୍ରସ୍ତାବ୍ ଦିଆଯାଇଛେ । ଇଥିର୍‌ଲାଗି ଦର୍‌କାରୀ ଭିତିଭୂମି, ମାନବ୍ ସମ୍ବଲ୍ ଆଉ ଇତାକେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଥିବା ସମୟ ସୀମା ବାବ୍‌ଦେ ତଥ୍ୟ ଦେବାର୍‌କେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ । ରାଏଜେ ଇହାଦେ ଏନ୍‌ସିସି କେଡ଼େଟ୍ ସଂଖ୍ୟା ୬୩ ହଜାର୍ ଥିଲା ବେଲେ ଇତାକେ ୯୦ ହଜାର୍‌କେ ବଢ଼ାବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ।

ଯୁକ୍ତ ଦୁଇ ଇନ୍‌ଷ୍ଟାଂଟ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ ଇନ୍‌ଷ୍ଟାଂଟ୍ ପରୀକ୍ଷା ୨୦୨୫ ର ଫଲ୍ ଆଏଜ୍ ବାହାର୍‌ବା । ଉପର୍‌ବେଲା ୪ ବଜେ ପରିଷଦ୍‌ର ସମ୍ମିଳନୀ କକ୍ଷ ନ ପରୀକ୍ଷାଫଲ୍ ଘୋଷ୍‌ନା କରାଯିବା ବଲି

ପରୀକ୍ଷା ନିୟନ୍ତ୍ରକ ସୂଚ୍ନା ଦେଇଛନ୍ । ଉପର୍‌ବେଲା ୫ ବଜେନୁ www.results.odisha.gov.in ଥି ଛାତ୍ରଛାତ୍ରୀ ମାନେ ପରୀକ୍ଷାଫଲ୍ ପାଇପାର୍‌ବେ ବଲି ସେ କହିଛନ୍ ।

ୟୁଜିସି ନେଟ ଫଳ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ବିଦ୍ୟାଲୟ ଅନୁଦାନ୍ ଆୟୋଗ- ୟୁଜିସି ନେଟ୍ ଜୁନ୍ ୨୦୨୫ ପରୀକ୍ଷାଫଲ୍ ଆଏବା ୨୨ ତାରିଖ୍ ଦିନ ବାହାର୍‌ବା ବଲି ନ୍ୟେସନାଲ୍ ଟେଷ୍ଟିଂ ଏଜେନ୍ସି -ଏନ୍‌ଟିଏ ତର୍‌ଫୁ କୁହାଯାଇଛେ । ପରୀକ୍ଷାଫଲ୍ ଏନ୍‌ଟିଏ ୱେବ୍‌ସାଇଟ୍ ugcnet.nta.ac.in ଥି ବାହାର୍‌ବା । ଗଲା ଜୁନ୍ ୨୫ ଆଉ ୨୯ ତାରିଖ୍ ଦିନ ଇ ପରୀକ୍ଷା ହେଇଥିଲା ।

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜ୍‌ନା କଳାହାଣ୍ଡି ସମ୍ବାଦାତା

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜ୍‌ନାକେ କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ମିଲିଛେ । ଯୋଜ୍‌ନାଥି ଦେଶର୍ ଶହେଟା ପଛୁଆ କୃଷି ଜିଲ୍ଲାକେ ବିକାଶ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯିବା । ଇତାର୍ ଜରିଏ ପଂଚାୟତ୍ ଆଉ ବ୍ଲକ୍ ସ୍ତର୍‌ନ ଅମଲ୍ ଉତ୍‌ରର୍ ସଂରକ୍ଷଣ ବ୍ୟବସ୍ଥା, ଜଲ୍‌ସେଚନ୍ ଉନ୍ନତ୍ ସୁବିଧା ଆଉ ସହଜେ ଋଣ ଯୁଗାବାର୍ ବ୍ୟବସ୍ଥା

କରାଯିବା । ଇଥିର୍ ଲାଗି ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜ୍ନାକେ କଳାହାଣ୍ଡି ଜିଲ୍ଲାର୍ ଭିନ୍ ଭିନ୍ ମହଲ୍‌ନ ସ୍ୱାଗତ୍ କରାଯାଇଛେ । ଇ ବାବ୍‌ଦେ ଜିଲ୍ଲାର ଭଙ୍ଗାବାରି ଗାଁର୍ ଚାଷୀ ପରମାନନ୍ଦ ରଣା କହିଛନ୍....

(ଭଏସ୍ ଓଭର- ଚାଷୀ ପରମାନନ୍ଦ ରଣା)

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିତ୍‌ରିଆ ଆଉ ସମୁଦ୍ର ଖଁଡ଼ି ଇଲାକାର୍ କେତେଟା ଜାଗା ନ ସାମାଏନ୍ ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ । ଇ ସମିଆଥି ପର୍ଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୨୨ ଜିଲ୍ଲା ନ ଚଡ଼କ୍ ମାରିକରି ବର୍ଷା ହେଇପାରେ ବଲି  ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।